# Akashvani, Sambalpur

# SAMBALPURI NEWS EVENING BULLETIN

# 21 April 2026-7.02- 7.12 pm.

---

୧- ଦେଶର୍ ସବୁ ବର୍ଗର୍ ବିକାଶ୍ ଆଉ ଭାଗିଦାରୀଥି ବିକଶିତ୍ ଓଡ଼ିଶା ଆଉ ଭାରତ୍‌ର ସପନ୍ ପୁରା ହେବା- କହେଲେ ରାଷ୍ଟ୍ରପତି ।

- ରାଉରକେଲାଠାନେ ଶହେ ୫୮ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ।

୨- ରାଜ୍ୟସ୍ତରୀୟ ସିଙ୍ଗିଲ୍ ଓ୍ୱିଣ୍ଡୋ କ୍ଲିୟରାନ୍ସ କର୍ତୃପକ୍ଷ ବୈଠକ୍‌ଥି ରାଜ୍ୟର୍ ୧୮ ଟା ଶିଳ୍ପ ପ୍ରକଳ୍ପକେ ମିଲ୍‌ଲା ମଞ୍ଜୁରୀ ।

୩- ଉତର୍‌ଦାୟୀ ଶାସନ୍‌କେ ମଜ୍‌ବୁତ୍ କରବାର୍‌ଥି ପ୍ରଶାସନିକ୍ କର୍ମଚାରୀମାନ୍‌କର୍ ଭୂମିକାକେ ଜୋର୍ ଦେଇକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ଲୋକସେବା ଦିବସ ।

ଆଉର୍

୪- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନାଥି ରାଏଜେ ୨୭ ଟା ଜିଲ୍ଲା ନ ହେଇଛେ ସାମୂହିକ୍ ବିହାଘର୍ ।

ରାଷ୍ଟ୍ରପତି- ରାଉର୍‌କେଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ସବୁ ବର୍ଗର୍ ବିକାଶ୍ ଆଉ ଭାଗିଦାରୀଥି ୨୦୩୬ ବିକଶିତ୍ ଓଡ଼ିଶା ଆଉ ୨୦୪୭ ବିକଶିତ୍ ଭାରତ୍‌ର ସପନ୍ ପୁରା ହେଇପାର୍‌ବା ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ରାଉର୍‌କେଲା ସେକ୍ଟର୍ ୧୩ ପଡ଼ିଆ ନ ଆୟୋଜିତ୍ ହେଇଥିବା ଜନସଭାକେ ଉଦ୍‌ବୋଧନ୍ ଦେଇକରି ରାଷ୍ଟ୍ରପତି କହିଛନ୍, ଦେଶର୍ ଚାଷୀ, ଶ୍ରମିକ୍, ଆଦିବାସୀ ଆଉ ବଂଚିତ୍ ବର୍ଗ ଲୋକ୍‌ମାନ୍‌କର୍ ଚେରେଷ୍ଟାର୍ ବଲେ ସବୁ ବର୍ଗର୍ ଉନ୍ନତି ସମ୍ଭବ୍ ହେଇପାର୍‌ବା । ଇ ଅବ୍‌ସରେ ଷ୍ଟିଲ୍ ସିଟି ନ ରାଷ୍ଟ୍ରପତି ଶହେ ୫୮ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ସମନ୍ୱିତ ନିର୍ଦ୍ଦେଶ୍ ଆଉ ନିୟନ୍ତ୍ରଣ୍ କେନ୍ଦ୍ର, ଆଦିବାସୀ ସଂଗ୍ରହାଳୟ, କୁଏଲ୍‌ନଗର୍ ମନୋରଞ୍ଜନ୍ ଆଉ ବିଜ୍ଞାନ୍ ପାର୍କ ଆର୍ ପ୍ଲାନେଟୋରିୟମ୍‌କେ ଲୋକାର୍ପଣ୍ କରିଛନ୍ । ରାଷ୍ଟ୍ରପତି କହିଛନ୍, ବିପ୍ଳବୀ ନିର୍ମଲ୍ ମୁଣ୍ଡାଙ୍କର୍ ଓଡ଼ିଶା ସାଙ୍ଗେ ଭାରତ୍ ଇତିହାସ୍‌ଥି ଗୁଟେ ଅଭୁଲା ଅଧ୍ୟାୟ ରହିଛେ । ବ୍ରିଟିଶ୍ ସର୍‌କାର୍‌ଙ୍କର୍ ବିରୋଧ୍‌ଥି ଆନ୍ଦୋଲନ୍ କରିକରି ନିର୍ମଲ୍ ମୁଣ୍ଡା ୮ ବଛର୍ ଜେଲ୍‌ଥି ରହିଥିଲେ । ଓଡ଼ିଶା ସଂଗ୍ରାମ୍‌ର ମାଏଟ୍ ଭାବେ ଇତିହାସ୍ ପ୍ରସିଦ୍ଧ ।

କନ୍ଧମେଳି, ସାନ୍ତାଳ ଆଉ ଭୂୟାଁମେଳି, ମୁଣ୍ଡା ବିଦ୍ରୋହ ୧୮୫୭ ମହାସଂଗ୍ରାମ୍‌ନୁ ଭାରତ୍‌ଛାଡ଼୍ ଆନ୍ଦୋଲନ୍‌ଥି ଭିଲ୍ ସବୁ ଖେପେ ଓଡ଼ିଶାର୍ ଲୁକଙ୍କର୍ ବଡ଼ ଭୂମିକା ରହିଛେ ।

ଖେଲ୍ ପରମ୍ପରା ସୁନ୍ଦର୍‌ଗଡ଼୍‌ର ଆଉ ଗୁଟେ ଗର୍ବର୍ ପ୍ରତୀକ୍ ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ଆଉ ବିଜୁ ପଟ୍ଟନାୟକ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଖେଲ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ସହେତେ ବହୁତ୍ ଖେଲାଲି ବାହାର୍ କରିଛେ । ନିର୍ମଲ୍ ମୁଣ୍ଡା ପରିବେଶ୍ ପଥ, ବିଜ୍ଞାନ୍ କେନ୍ଦ୍ର ଆଉ ପ୍ଲାନେଟୋରିୟମ୍ ଉଦ୍‌ଘାଟନ୍ ହେଇଥିବାର୍‌ନୁ ସହର୍‌ବାସୀ ଖାସ୍ ଭାବେ ଲାଭ୍ ପାଏବେ ବଲି ଶ୍ରୀମତୀ ମୁର୍ମୁ କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ରାଉର୍‌କେଲା ସଂଗ୍ରହାଲୟ ନ ରଖାଯାଇଥିବା ଶହେ ୮୦ ଡିଗ୍ରୀ ଇଂଟର୍‌ଏକ୍ଟିଭ୍ ପ୍ରୋଜେକ୍ସନ୍ ୱାଲ୍ ଆଦିବାସୀ ଜନଜୀବନ୍ ବାବ୍‌ଦେ ଦର୍ଶକ୍ ମାନ୍‌କୁ ଜନାବା । ଇଟା ଗୁଟେ ସଂଗ୍ରହାଲୟ ନୁହେଁସେ, ଇଟା ଓଡ଼ିଶାର୍ ଆଦିବାସୀମାନ୍‌କର୍ ଆତ୍ମା, ସଂସ୍କୃତି ଆଉ ଗୌରବ୍‌ର ପ୍ରତୀକ୍ ଆଏ । ସ୍ୱାଧୀନତା ସଂଗ୍ରାମ୍‌ଥି ଜନଜାତୀୟ ଲୋକ୍‌ମାନ୍‌କର୍ ଅବଦାନ୍‌କେ ସୁର୍‌ତା କରିକରି ଦେଶର୍ ଭିନ୍ ଭିନ୍ ଜାଗା ନ ଆଦିବାସୀ ସଂଗ୍ରହାଲୟ ଥାପ୍‌ନା କରାଯାଉଛେ ।

କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ଚେରେଷ୍ଟାଥି ଜନଜାତି ବର୍ଗଙ୍କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ଯୋଜ୍ନା କାର୍ଯ୍ୟକାରୀ କରାଯାଉଛେ । ପ୍ରଧାନ୍ମନ୍ତ୍ରୀ ବନଧନ ଯୋଜ୍ନାଥି ଲଘୁ ଜଙ୍ଗଲି ଦରବ୍ ଉପ୍ରେ ସର୍ବନିମ୍ନ ସହାୟକ ମୂଲ୍ୟ ଦେବାର୍, ଆଦିବାସୀ ମହିଳା ସଶକ୍ତିକରଣ୍ ଲାଗି କମ୍ ସୁଧଥି ଋଣ ଦେବାର୍ ଆଉ ଜନଜାତି ଲୋକ୍ମାନ୍କର୍ ସିକିଲ୍ସେଲ୍, ଏନିମିଆ ରୋଗ୍ ଦୂର୍ ଲାଗି କାମ୍ କରୁଥିବା ରାଷ୍ଟ୍ରୀୟ ମିଶନ୍ ସର୍କାର୍ଙ୍କର୍ ଆନ୍ତରିକ୍ ଚେରେଷ୍ଟାର୍ ପ୍ରତିଫଲନ୍ ଆଏ ବଲି ରାଷ୍ଟ୍ରପତି କହିଛନ୍ । ଜନଜାତି ଛାତ୍ରଛାତ୍ରୀମାନ୍କର୍ ଶିକ୍ଷା ଆଉ ଦକ୍ଷତା ବିକାଶ୍ ଲାଗି ପ୍ରଶିକ୍ଷଣ୍ ଦିଆଯାଉଛେ । ମନ୍ ଭିତ୍ରେ ଦେଶ୍ପ୍ରେମ୍ର ଭାବ୍ନାକେ ରଖିକରି ଉନ୍ନତିର୍ ଶିଘ୍କେ ଛିଇଁବାର୍ ଲାଗି ଛାତ୍ରଛାତ୍ରୀମାନ୍କୁ ରାଷ୍ଟ୍ରପତି ଆହ୍ୱାନ୍ ଦେଇଛନ୍ ।

ରାଏଜେ ଜାରି ରହିଥିବା ଜନଜାତି ଲୁକ୍କର୍ କଲ୍ୟାଣ୍କାରୀ ଯୋଜ୍ନା ଲାଗି ଶ୍ରୀମତୀ ମୁର୍ମୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ସାଧୁବାଦ ଦେଇଛନ୍ ।

ରାଉର୍କେଲା ସହର୍ ରାଷ୍ଟ୍ର ନିର୍ମାଣ୍ଥି ବଡ଼ ଭୂମିକା ନେବାର୍ ସହେତେ ଲାଖ୍ ଲାଖ୍ ଲୁକ୍କୁ ନିଯୁକ୍ତି ଦେଇଛେ ବଲି କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍ରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଉପସ୍ଥିତ ଥିଲେ ।

ରାଷ୍ଟ୍ରପତିଙ୍କୁ ସ୍ୱାଗତ୍ କର୍‌ବାର୍ ଲାଗି ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ପାଖାପାଖି ୨୫ ଶହ ଛାତ୍ରଛାତ୍ରୀ ଓଡ଼ିଶୀ, ସମ୍ବଲ୍‌ପୁରୀ, କର୍‌ମା ଆଉ ସାନ୍ତାଳି ନାଚ୍ ପରିବେଷଣ୍ କରିଥିଲେ ।

ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ କର୍ତ୍ତୃପକ୍ଷ ବୈଠକ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାରେ ଆଏଜ୍ ଶହେ ୪୬ ତମ ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ କର୍ତ୍ତୃପକ୍ଷ ବୈଠକ୍ ହେଇଯାଇଛେ । ଇଥି ୩ ହଜାର୍ ୮ ଶହ ୭୭ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାରେ ୧୮ ଟା ଶିଳ୍ପ ପ୍ରକଳ୍ପକେ ଅନୁମୋଦନ୍ ମିଲିଛେ । ଇ ପ୍ରକଳ୍ପ ସବୁ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ନ କାର୍ଯ୍ୟକାରୀ ହେବା । ଇଥୁ ୭ ହଜାର୍ ୫ ଶହ ୬୫ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ସୂଚନା ମିଲିଛେ । ଇ

ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ସବୁଜ ଶିଳ୍ପ, ଭିତିଭୂମି, ସ୍ୱାସ୍ଥ୍ୟସେବା ବାଗିର୍ ପ୍ରକଳ୍ପ ରହିଛେ ।

ଜାତୀୟ ସିଭିଲ୍ ସାର୍ଭିସ୍ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ଲୋକସେବା ଦିବସ୍ ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ୧୯୪୭ ମସିହା ଆଝିର୍ ଦିନେ ଦେଶର୍ ପହେଲା ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ ଦିଲ୍ଲୀର୍ ମେଟ୍ କ୍ୟାଫ୍ ହାଉସ୍ ନ ପ୍ରଶାସନିକ୍ ସେବାର୍ ଶିକ୍ଷାନବୀସ ଅଧିକାରୀମାନ୍‌କୁ ପହେଲାଥର୍ ଲାଗି ସମ୍ବୋଧିତ୍ କରିଥିଲେ । ସେହିଦିନ୍‌କେ ସୁର୍‌ତା୍ କର୍‌ବାର୍ ସହେତେ ଦେଶ୍‌ସେବା ଲାଗି ପ୍ରଶାସନିକ୍ ଅଧିକାରୀମାନ୍‌କୁ ତହଁକାବାର୍ ଉଦ୍ଦେଶ୍ୟରେ ଇ ଦିବସ୍ ପାଲନ୍ କରାଯାଉଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ଉତର୍‌ଦାୟି ଶାସନ୍‌କେ ମଜ୍‌ବୁତ୍ କର୍‌ବାର୍ ଆଉ ସର୍‌କାରୀ ଅନୁଷ୍ଠାନ୍‌ମାନ୍‌କୁ ବର୍‌କସ୍ କର୍‌ବାର୍ ଲାଗି ପ୍ରଶାସନିକ୍ କର୍ମଚାରୀମାନେ ପ୍ରତିବଦ୍ଧତାର୍ ସହେତେ କାମ୍ କରୁଛନ୍ । ଦେଶ୍ ନୂଆଁ ଆକାଂକ୍ଷାର୍ ସହେତେ ଆଗ୍‌କେ ବଢୁଥିବାର୍ ବେଲେ ପ୍ରଶାସନିକ୍ କର୍ମଚାରୀମାନ୍‌କର୍ ଅଖଣ୍ଡତା ଆଉ

ସହାନୁଭୂତି ଖାଲି ଜାଗାକେ ପୁରା କର୍‌ବା । ସମାବେଶିତା ବଢ଼ାବାର୍ ଆଉ ରାଜ୍ୟ ଆଉ ତାର୍ ନାଗରିକ୍‌ମାନ୍‌କର୍ ଭିତ୍‌ରେ ବିଶ୍ୱାସ୍‌କେ ଜବର୍ କର୍‌ବାର୍‌ଥି ସାହାଜ୍ କର୍‌ବା ବଲି ରାଷ୍ଟ୍ରପତି ଆଶ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ସୁଶାସନ୍ ଆଉ ରାଷ୍ଟ୍ରନିର୍ମାଣ୍ ଦିଗେ କାମ୍ କର୍‌ବାର୍ ସଂକଳ୍ପକେ ଅଏତ୍‌କା ମଜ୍‌ବୁତ୍ କର୍‌ବାର୍ ଇଟା ଗୁଟେ ସୁଯୋଗ୍ ଆଏ । ତଲ୍‌ସ୍ତର୍‌ଠାନୁ ମୁଲ୍ କରିକରି ନୀତିନିର୍ଦ୍ଧାରଣ୍‌ତକ୍ ପ୍ରଶାସନିକ୍ କର୍ମଚାରୀମାନ୍‌କର୍ ଚେରେଷ୍ଟା ଅଗଣିତ ଲୁକଙ୍କର୍ ଜୀବନ୍ ଆଉ ଦେଶର୍ ପ୍ରଗତିଥି ଯୋଗ୍‌ଦାନ୍ କର୍‌ସି ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ

ସମ୍ବଲ୍‌ପୁର/ ସୁବର୍ଣ୍ଣପୁର/ ବଲାଙ୍ଗିର/ ଦେବ୍‌ଗଡ଼/ କଲାହାଣ୍ଡି/ ବର୍ ଗଡ଼୍

ସାମାଜିକ ସୁରକ୍ଷା ଆଉ ଲିଙ୍ଗଗତ ସମାନତାକେ ବର୍‌କସ୍ କର୍‌ବାର୍ ଆଉ ଆର୍ଥିକ୍ ଦୃଷ୍ଟିନୁ ପଛୁଆବର୍ଗର୍ ଲୁକ୍‌କୁ ସାହାଜ୍ ଯୁଗେଇ ଦେବାର୍ ଲାଗି ରାଜ୍ୟ ସର୍‌କାର୍ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନା ମୁଲ୍ କରିଛନ୍ । ରାଜ୍ୟ ମହିଳା ଆଉ ଶିଶୁ ବିକାଶ୍

ବିଭାଗ୍ ତର୍ଫୁ ଆଏଜ୍ ରାଜ୍ୟର୍ ୨୭ ଟା ଜିଲ୍ଲା ନ ହଜାରେ ନୁ ଅଏତ୍କା ଯୁବତୀଙ୍କର୍ ସାମୂହିକ୍ ବିବାହ କାର୍ଯ୍ୟକ୍ରମ୍ ହେଇଛେ ।

ସମ୍ବଲ୍ପୁର୍ ଜିଲ୍ଲା ଧନୁପାଲି ଠାନେ ଜିଲ୍ଲା ପ୍ରଶାସନ୍ ତର୍ଫୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍ନା କାର୍ଯ୍ୟକ୍ରମ୍‌ଥି ୨୨ ଟା ଯୁଡ଼ିକେ ବିହା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ପ୍ରମୁଖ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ୧୭ ଟା ଯୋଡ଼ିଙ୍କର୍ ବିହାଘର୍ କରାଯାଇଛେ ।

ବଲାଙ୍ଗିର୍ କୋଶଲ୍ କଲାମଣ୍ଡଲ୍ ପଡ଼ିଆ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ୩୯ ଟା ଜୁଡ଼ିଙ୍କର୍ ବିହାଘର୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ସାମୂହିକ୍ ବିବାହ କାର୍ଯ୍ୟକ୍ରମ୍‌ଥି ୩୮ ଜୁଡ଼ିଙ୍କର୍ ବିହାଘର୍ କରାଯାଇଛେ ।

କଲାହାଣ୍ଡି ଭବାନୀପାଟ୍‌ନା ଋଷିଗାଁ କଲ୍ୟାଣ୍ ମଣ୍ଡପ୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍ଫୁ ହେଇଥିବା ସାମୂହିକ୍ ବିବାହ କାର୍ଯ୍ୟକ୍ରମ୍‌ଥି ୩୪ ଟା ଜୁଡ଼ିର୍ ବିହାଘର୍ କରାଯାଇଛେ ।

ବର୍‌ଗଡ଼୍ ଜିଲ୍ଲା ବେହେରା ବଜାର୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୩୩ ଜୁଡ଼ା ବରକନ୍ୟାଙ୍କର୍ ବିହାଘର୍ କରାଯାଇଛେ ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଚନ୍ଦ୍ରଚୂଡ଼ ମନ୍ଦିର୍ ପରିସର୍ ନ ଇ ଯୋଜ୍‌ନା ଅଧୀନ୍‌ଥି ସାମୂହିକ୍ ବିବାହ ହେଇଯାଇଛେ ।

ବାଚସ୍ପତି ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

୪ ଟା ରାଜ୍ୟର୍ ବିଧାନ୍‌ସଭା ବାଚସ୍ପତି ମାନ୍‌କର୍ ସମ୍ମିଳନୀ ଆଏଜ୍ ପୁରୀ ଠାନେ ହେଇଛେ । ଭାରତୀୟ ସମ୍ବିଧାନ୍‌ର ଦଶମ ଅନୁସୂଚୀକେ ନେଇକରି ସମ୍ମିଳନୀଥି ବିସ୍ତୃତ ଆଲୋଚନା କରାଯାଇଛେ । ଇ ସମ୍ମିଳନୀଥି ଓଡ଼ିଶା ସହେତେ ମହାରାଷ୍ଟ୍ର, କର୍ଣ୍ଣାଟକ୍ ଆଉ ନାଗାଲାଣ୍ଡ୍‌ର ବାଚସ୍ପତି ମାନେ ଯୋଗ ଦେଇଛନ୍ । ସମ୍ବିଧାନ୍‌ର ଦଶମ ଅନୁସୂଚୀ ଅନ୍‌ସାରେ ଦଲ୍‌ବଦଲ୍ ନିରୋଧ୍ ଆଇନ୍‌ର ଭିନ୍ ଭିନ୍ ଦିଗ୍ ବାବ୍‌ଦେ ଆଲୋଚନା ହେବା । ଇ କମିଟିର୍ ପହେଲା ବୈଠକ୍ ମୁମ୍ବାଇ ଠାନେ ହେଇଥିବାର୍ ବେଲେ ପୁରୀ ନ ୨ ନମ୍ବର୍ ବୈଠକ୍ ଆଉ

୩ ନମ୍ବର୍ ବୈଠକ୍ ଆଏବା ଜୁନ୍ ମାସେ କର୍ଣ୍ଣାଟକ୍ ନ ହେବା ଆଉ ସେଠାନେ ଚିଠା ପ୍ରସ୍ତାବ୍ ପାରିତ୍ ହେବା । ମହାରାଷ୍ଟ୍ର ବିଧାନ୍‌ସଭା ବାଚସ୍ପତି ରାହୁଲ୍ ସୁରେଶ୍ ନାର୍‌ୱେକର୍‌ଙ୍କର୍ ଅଧ୍ୟକ୍ଷତାଥି ଇ ବୈଠକ୍ ହେଇଯାଇଛେ ।

ଗ୍ରୀଡ଼୍‌କୋ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ବିଦ୍ୟୁତ୍ କ୍ଷେତ୍ରଥି ଗ୍ରୀଡ଼୍‌କୋର ସଂସ୍କାର୍‌ମୂଲକ୍ ପଦକ୍ଷେପ୍ ଅତୁଳନୀୟ ଆଏ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଗ୍ରୀଡ଼୍‌କୋର ୩୧ ନମ୍ବର୍ ଥାପ୍‌ନା ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍, ଗ୍ରୀଡ଼୍‌କୋ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ୍‌କେ ସୁନିଶ୍ଚିତ୍ କର୍‌ବାର୍‌ଥି ଜରୁରୀ ଭୂମିକା ନଉଛେ । କାର୍ଯ୍ୟକ୍ରମ୍‌ଥି ୭ ଝନ୍ ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ମାନିତ୍ କରାଯାଇଥିଲା ।

ନୂଆପଡ଼ା-ପାନୀୟ ଜଲ ସମସ୍ୟା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଭାଲେଶ୍ୱର୍ ଗ୍ରାମ୍ ପଂଚାୟତ୍ ଠାନେ ପିଇବାର୍ ପାଏନ୍ ସମସ୍ୟା ଦେଖାଦେଇଛେ । ଗାଁର୍ ଲୁକେ ସମସ୍ୟାର୍ ସମାଧାନ୍ ଲାଗି ପ୍ରଶାସନ୍ ଆଉ ବିଭାଗୀୟ କର୍ମଚାରୀମାନ୍‌କୁ ଜନେଇଛନ୍ ।

ପଟ୍ଟା, ଭତା ବଂଟନ୍ ହି.ସ.

ବଲାଙ୍ଗିର୍ ଜିଲ୍ଲା ମୁରିବାହାଲ୍ ବ୍ଲକ୍ ତହସିଲ୍ କାର୍ଯ୍ୟାଳୟ ନ ରାଜସ୍ୱ ମେଳା ସହେତେ ଭୂମିହୀନ ମାନ୍‌କୁ ପଟ୍ଟା ଦେବାର୍ ଆଉ ସାମାଜିକ୍ ସୁରକ୍ଷା ଭତା ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ପଟ୍ଟା ଆଉ ଭତା ବାଂଟିଛନ୍ ।

ବଲାଙ୍ଗିର୍ ସ୍କୁଲ୍ ଛୁଟି ହି.ସ.

ବଲାଙ୍ଗିର୍ ଜିଲ୍ଲା ନ ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ବିଦ୍ୟାଳୟମାନ୍‌କେ ଛୁଟିକେ ଆଉ ୪ ଦିନ୍ ବଢ଼ାଯାଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ୨୨ ନୁ ୨୫ ତାରିଖ୍‌ତକ୍ ସବୁ ବିଦ୍ୟାଳୟକେ ବନ୍ଦ୍ ରଖିବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।